ଭାରି ଭଲ ଲାଗେ
ମୋତେ ଯୀଶୁଙ୍କ ନାମ-2
ଚିର ମନୋରମ ମୋର ଯୀଶୁଙ୍କ
ନାମ
ସେଇ ପଥ, ସତ୍ୟ, ସେ ଜୀବନ
ସେ ହିଁ ଶରଣ

1। ଯୀଶୁ ନାମ ବିନା ବୃଥା ମୋ ଜୀବନ
ସରି ନୁହେଁ କୋଟି ସୁଗନ୍ଧି ଶାରୋଣ,
ସେଇ ନାମ ନିଏ ମୋର ଦୁଃଖ କଷଣ
ଶୟନେ ସ୍ୱପନେ ମୋର ସେ ଏକ ଧ୍ୟାନ
ସେଇ ନାମ ମୋର ପରିଧାନ ମୋର
ଭୂଷଣ

2। ଯୀଶୁ ମୋର ବନ୍ଧୁ ଉତ୍ତମ ପାଳକ
ସେଇ କ୍ଷମାସିନ୍ଧୁ ଜୀବନ ଚାଳକ
ମହାମହିଁମ ସେ ଅନନ୍ତ ରାଜନ
ବଞ୍ଚିବା ରାହା ମୋ କ୍ଷଣ ଅନୁକ୍ଷଣ
ସେଇ ମୋର ମହା ପରିତ୍ରାଣ ମୋର ଜୀବନ